

















ମନୁଷ୍ୟ ନିମନ୍ତେ ଦୁଃଖର ଆରମ୍ଭ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ଆଦିପୁସ୍ତକ ୩-୬

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

ଲେଖକ Edward Hughes
ଦୃଷ୍ଟାନ୍ତ Byron Unger; Lazarus
ଅନୁବାଦକ Prasanta Bhuyan
ଉପ୍ଯୋଜକ M. Maillot; Tammy S.

 କାହାଣି ୬୦ ରୁ ୨

**M1914.org**

**Bible for Children, PO Box 3, Winnipeg MB R3C 2G1 Canada**

ଅନୁମତି ସ୍ୱତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପ୍ଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପ୍ଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଆଉ ତାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ ।

ଇଶ୍ୱର ଆମ୍ଭମାନଙ୍କୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ର ଯୀଶୁଙ୍କୁ ଆମ୍ଭମାନଙ୍କର ପାପ ସକାଶୁ କ୍ରୁଶ ଉପରେ ମୃତ୍ୟୁବରଣ କରିବାକୁ ପଠାଇଲେ । ଯୀଶୁ ପୁନର୍ବାର ଜୀବନ କୁ ଫେରିଲେ, ଆଉ ସେ ସ୍ୱର୍ଗ ଆରୋହନ କଲେ ବର୍ତ୍ତମାନ୍ ଅନନ୍ତର ପରମେଶ୍ୱର ଆମ୍ଭମାନଙ୍କର ପାପକ୍ଷମା କରି ପାରିବେ ।

ଯଦି ତୁମ୍ଭେ ତୁମ୍ଭ ପାପରୁ ଫେରିବାକୁ ଚାହଁ, ତେବେ ଏହା ଇଶ୍ୱରଙ୍କୁ କୁହନ୍ତୁ: ପ୍ରିୟର ଇଶ୍ୱର ମୁ ବିଶ୍ୱାସ କରେ ଯୀଶୁଖ୍ରୀଷ୍ଟ ମୋ ନିମନ୍ତେ ମୃତ୍ୟୁଭୋଗ କଲେ, ବର୍ତ୍ତମାନ ସେ ଜୀବିତ ଅଟନ୍ତି । ଦୟାକରି ମୋର ପାପସବୁ କ୍ଷମା କର ଏବଂ ମୋ ଜୀବନକୁ ଆସ, ତଦ୍ୱାରା ବର୍ତ୍ତମାନ୍ ଠାରୁ ମୁଁ ଏକ ନୂତନ ଜୀବନ ପ୍ରାପ୍ତ ହୋଇ ତୁମ୍ଭଠାରେ ଚିରକାଳ ସ୍ଥାୟୀ ହେବି । ତୁମ୍ଭର ସନ୍ତାନ ହୋଇ ତୁମ୍ଭଠାରେ ବାସକରିବା ପାଇଁ ମୋତେ ସାହାଯ୍ୟ କରନ୍ତୁ । ଆମେନ୍ (ଯୋହନ ୩:୧୬)

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।

ଓଡ଼ିଆ Oriya







ସର୍ପ ନାରୀଙ୍କୁ କହିଲା, ଆଗୋ, ଏକି ସତ୍ୟ ଉଦ୍ୟାନର କୌଣସି ଫଳ ଖାଇବାକୁ ପରମେଶ୍ୱର ତୁମ୍ଭମାନଙ୍କୁ ନିଷେଧ କରିଅଛନ୍ତି, ନାରୀ ସର୍ପକୁ କହିଲା ଆମ୍ଭେମାନେ ଉଦ୍ୟାନର ମଧ୍ୟସ୍ଥ ବୃକ୍ଷର ଫଳକୁ ଛାଡ଼ି ସମସ୍ତ ବୃକ୍ଷର ଫଳ ଖାଇପାରୁ ।
3
ହବା ଉତ୍ତର ଦେଲେ । ଯଦି ଆମ୍ଭେ ତାହା ଖାଉ ବା ଛୁଉଁ ତେବେ ଆମ୍ଭେ ନିଶ୍ଚୟ ମରିବୁ । ସର୍ପ ନାରୀଙ୍କୁ କହିଲେ ତୁମ୍ଭେମାନେ କୌଣସି ରୂପେ ମରିବ ନାହିଁ ।
4
ବରଂ ତୁମ୍ଭେମାନେ ପରମେଶ୍ୱରଙ୍କ ପରି ହେବ । ହବା ସେହି ବୃକ୍ଷର ଫଳ ପାଇଁ ବାଞ୍ଛନୀୟ ହେଲେ । ହବା ସର୍ପର କଥା ଶୁଣି ସେହି ବୃକ୍ଷର ଫଳ ତୋଳି ଖାଇଲା ।
5
ହବା ପରମେଶ୍ୱରଙ୍କ ଆଜ୍ଞା ଅମାନ୍ୟ କଲେ, ଆଉ ସେ ତାଙ୍କ ସ୍ୱାମିଙ୍କୁ ମଧ୍ୟ ସେହି ବୃକ୍ଷର ଫଳ ଖାଇବାକୁ ପଥ ଦେଖାଇଲେ ଆଉ ଆଦମ ମଧ୍ୟ ତାହା ଖାଇଲେ । ଆଦମ କହିବାର ଉଚିତ ଥିଲା ଯେ, ନାହିଁ! ମୁଁ ପରମେଶ୍ୱରଙ୍କ ଆଦେଶକୁ ଅମାନ୍ୟ କରିବି ନାହିଁ ।
6
ଯେତବେଳେ ଆଦମ ଓ ହବା ପାପ କଲେ, ସେମାନେ ନିଜର ଉଲଂଗ୍ନ ଥିବାର ଜାଣିପାରିଲେ । ତହିଁରେ ସେମାନେ ଡିମ୍ବୁରି ବୃକ୍ଷର ପତ୍ର ସିଂଇ ଘାଗରା ବନାଇ ପରିଧାନ କଲେ, ଆଉ ସେମାନେ ପ୍ରଭୁଙ୍କ ଛାମୁରୁ ଉଦ୍ୟାନସ୍ଥ ବୃକ୍ଷଗଣ ମଧ୍ୟରେ ଲୁଚିଲେ ।
7
ସଦାପ୍ରଭୁ ପରମେଶ୍ୱର ସଂନ୍ଧ୍ୟାର ଶୀତଳ ସମୟରେ ଏଦନ ଉଦ୍ୟାନକୁ ଆସିଲେ । ସଦାପ୍ରଭୁ ପରମେଶ୍ୱର ଜାଣିଥିଲେ ଆଦମ ଓ ହବା ଯାହାକିଛି ପାପ କରିଥିଲେ । ଆଦମ ହବାଙ୍କୁ ନିନ୍ଦା କଲେ । ହବା ସର୍ପକୁ ନିନ୍ଦା କଲେ । ପରମେଶ୍ୱର କହିଲେ, ସର୍ପ ଅଭିଶପ୍ତ ହେଲା । ସନ୍ତାନ ପ୍ରସବ କରିବା ସମୟରେ ସ୍ତ୍ରୀ ଲୋକ ଯନ୍ତ୍ରଣା ଅନୁଭବ କରିବେ ।
8
ଆଦମ, ପାପ କରିଥିବା ସକାଶୁ ପରମେଶ୍ୱର କଣ୍ଟା ଏବଂ ବିଶିଷ୍ଟ କଣ୍ଟକମୟ ଉଦ୍ଭିଦ ସହିତ ପୃଥିବୀକୁ ଅଭିଶପ୍ତ କଲେ । ତୁମ୍ଭେ କଠିନ ପରିଶ୍ରମ କରି ମୁଖର ଝାଳ ବୁହାଇଲେ ହେଁ ଦୈନିକ ଆହାର ପାଇବ ।
9
ସଦାପ୍ରଭୁ ସେମାନଙ୍କୁ ସୈନ୍ଦର୍ଯ୍ୟମୟ ଏଦନ ଉଦ୍ୟାନରୁ ତଡ଼ିଦେଲେ । କାରଣ ସେମାନେ ପାପ କଲେ, ଆଉ ସେମାନେ ଜୀବନ ଦାତା ସଦାପ୍ରଭୁଙ୍କଠାରୁ ପୃଥକ୍ ହେଲେ!
10
ସଦାପ୍ରଭୁ ପରମେଶ୍ୱର ସେମାନଙ୍କୁ ତଡ଼ିବାକୁ ଏକ ପ୍ରଜ୍ୱଳିତ ଖଡ୍ଗ ନିର୍ମାଣ କଲେ । ସଦାପ୍ରଭୁ ଆଦମ ଓ ହବାଙ୍କ ପାଇଁ ଚ଼ର୍ମର ବସ୍ତ୍ର ପ୍ରସ୍ତୁତ କଲେ । କେଉଁଠାରୁ ଏହି ଚ଼ର୍ମ ସଦାପ୍ରଭୁ ଆଣିଲେ?
11
ସମୟାନୁ କ୍ରମେ, ଆଦମ ଓ ହବାଙ୍କର ଏକ ପରିବାର ଜାତ ହେଲା । ସେମାନଙ୍କର ପ୍ରଥମ ପୁତ୍ର କୟିନ, ସେ କୃଷକ ଥିଲେ । ସେମାନଙ୍କର ଦ୍ୱିତୀୟ ପୁତ୍ର ହେବଲ, ସେ ମେଷପାଳକ ଥିଲେ । ସମୟାନୁ କ୍ରମେ, ଦିନେ କୟିନ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଭୂମିରୁ ଉତ୍ପନ୍ନ ଫଳଆଣି ଉତ୍ସର୍ଗ କଲେ ।
12
ପୁଣି ହେବଲ ମଧ୍ୟ ନିଜ ପଲର ପ୍ରଥମଜାତ କେତେକ ମେଷ ଓ ସେମାନଙ୍କ ମେଦ ଉତ୍ସର୍ଗ କଲେ । ସଦାପ୍ରଭୁ ହେବଲ ଓ ତାଙ୍କ ନୈବେଦ୍ୟକୁ ଗ୍ରହଣ କଲେ ।
13
ମାତ୍ର କୟିନଙ୍କୁ ଓ ତାଙ୍କ ନୈବେଦ୍ୟକୁ ଅଗ୍ରାହ୍ୟ କଲେ । ଏହେତୁ କୟିନ ଅତି କ୍ରୋଧ କରି ଅଧୋମୁଖ ହେଲେ । କିନ୍ତୁ ପରମେଶ୍ୱର କୟିନଙ୍କୁ କହିଲେ, ତୁମ୍ଭେ ଯଦି ସତ୍କର୍ମ କଲ, ତୁମ୍ଭେ କି ଗ୍ରହ୍ୟ ହୋଇନଥାନ୍ତ?
14
କୟିନଙ୍କର କ୍ରୋଧ ଗତ ହେଲାନାହିଁ । କଛି ସମୟ ପରେ, ସେମାନେ କ୍ଷେତରେ ଥିବା ବେଳେ କୟିନ ଆପଣା ଭାଇ ହେବଲଙ୍କୁ ଆକ୍ରମଣ କରି ବଧ କଲା !
15
ସଦାପ୍ରଭୁ ପରମେଶ୍ୱର କୟିନଙ୍କୁ ପଚ଼ାରିଲେ, ତୁମ୍ଭ ଭାଇ ହେବଲ କେଉଁଠାରେ ସେ କହିଲେ, ମୁଁ ଜାଣେ ନାହିଁ, କୟିନ ମିଥ୍ୟା କହିଲେ । ମୁଁ କ'ଣ ମୋ ଭାଇର ରକ୍ଷକ ଆଉ ପରମେଶ୍ୱର କୟିନଙ୍କୁ ତାଙ୍କର କୃଷିକର୍ମର ଦକ୍ଷତା ହରଣ କରି ଦଣ୍ଡ ପୃଥିବୀରେ ତୁମ୍ଭେ ପୃଥିବିରେ ପଳାତକ ଓ ଭ୍ରମଣକାରୀ ହେବ ।
16
ଆଉ ପ୍ରଭୁଙ୍କ ସମ୍ମୁଖରୁ ଗୁପ୍ତ ରହିଲେ ଏବଂ ସେହିସ୍ଥାନରୁ ପ୍ରସ୍ଥାନ କଲେ । ପୁଣି ସେ ଆଦମ ଓ ହବାଙ୍କର ପୁତ୍ର କନ୍ୟାକୁ ବିବାହ କଲେ । ପୁଣି ସେମାନେ ଏକ ପରିବାର ହୋଇ ବଂଶବୃଦ୍ଧି ପ୍ରାପ୍ତ କଲେ । ଅତିଶିଘ୍ର କୟିନଙ୍କର ନାତି, ନାତୁଣି, ବଡ଼ ନାତି ଏବଂ ନାତୁଣିମାନେ କଇନଙ୍କ ଆବିଷ୍କାର କରିଥିବା ନଗରରେ ପରିପୂର୍ଣ୍ଣ ହେଲେ ।
17
ଇତିମଧ୍ୟରେ, ଆଦମ ଏବଂ ହବାର ପରିବାର ବହୁଶିଘ୍ର ବୃଦ୍ଧିପ୍ରାପ୍ତ ହେଲା । ସେହି ସମୟର ଲୋକମାନେ ଆଜିକାର ଲୋକମାନଙ୍କ ଅପେକ୍ଷା ଅନେକ ବର୍ଷ ଧରି ଜୀବିତ ରହି ପାରୁଥିଲେ ।
18